# କଟକ ମହାନଗର ନିଗମ ୩୩ତମ ସାଧାରଣ ବୈଠକ ବିବରଣୀ

**ତା. ୨୮.୦୨.୨୦୧୮ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୨୮.୦୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୩୩ତମ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ସୁଶ୍ରୀ ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୯. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୧୦. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୨. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୩. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୪. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୫. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୬. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୭. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୮. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୯. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୨୦. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୧. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୨. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |
| ୨୩. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୪. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୫. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୬. | ଶ୍ରୀଯୁକ୍ତା ପାରୁଲ ଜୟସାଲ | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୭. | ଶ୍ରୀଯୁକ୍ତା କାଂଚନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୮. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |

| | | |
|---|---|---|
| ୨୯. | ଶ୍ରୀଯୁକ୍ତା ବୈଶାଳୀ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୩୦. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୩୧. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୩୨. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୩. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୪. | ଶ୍ରୀଯୁକ୍ତା ନମିତା ମଂଜରୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୫. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୬. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୭. | ଶ୍ରୀଯୁକ୍ତା ସୁଲୋଚନା ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୮. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୩୯. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୪୦. | ଶ୍ରୀଯୁକ୍ତ ଚିରଂଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୪୧. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୨. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୩. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୪. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୫. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୬. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୭. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୮. | ଶ୍ରୀମତୀ ମମତା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୪୯. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୦. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୩ |
| ୫୧. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୨. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୩. | ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୪. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |
| ୫୫. | ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୬. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର | ଆୟୁକ୍ତ |
| ୨. | ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାଏ | ଅତିରିକ୍ତ ଆୟୁକ୍ତ-୧ |
| ୩. | ଶ୍ରୀଯୁକ୍ତ ମନୋଜ କୁମାର ବେହେରା | ଉପ ଆୟୁକ୍ତ-୩ |
| ୪. | ଶ୍ରୀଯୁକ୍ତା ନିରୁପମା ସାଇଁ | ଉପ ଆୟୁକ୍ତ-୨ |
| ୫. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |

୬. ଡ଼ଃ ମାନସ ରଂଜନ ସାମନ୍ତରାୟ ନଗର ସ୍ୱାସ୍ଥ୍ୟ ଅଧିକାରୀ
୭. ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ ବିତ ଅଧିକାରୀ
୮. ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ ନଗର ଯନ୍ତ୍ରୀ
୯. ଶ୍ରୀଯୁକ୍ତ ମନୀସ ସରକାର ନିର୍ବାହୀ ଯନ୍ତ୍ରୀ-୧
୧୦. ଶ୍ରୀଯୁକ୍ତ ଭାଗ୍ୟଧର ସାହୁ ନିର୍ବାହୀ ଯନ୍ତ୍ରୀ-୨
୧୧. ଶ୍ରୀଯୁକ୍ତ ନମିତା ବିଶ୍ୱାଳ ସଚିବ
୧୨. ଶ୍ରୀମତୀ ତିଲୋତମା ସାହୁ ଓଏସ୍‌ଡ଼ି
୧୩. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର ସହକାରୀ ନିର୍ବାହୀ ଯନ୍ତ୍ରୀ
୧୪. ଶ୍ରୀଯୁକ୍ତ ଧିରେନ୍ଦ୍ର କୁମାର ପ୍ରଧାନ ସହକାରୀ ଯନ୍ତ୍ରୀ
୧୫. ଶ୍ରୀଯୁକ୍ତ ସୁଶାନ୍ତ କୁମାର ଭୂୟାଁ ସହକାରୀ ଯନ୍ତ୍ରୀ
୧୬. ଶ୍ରୀଯୁକ୍ତ ସଂଜିବ କୁମାର ପ୍ରଧାନ ସହକାରୀ ଯନ୍ତ୍ରୀ
୧୭. ଶ୍ରୀଯୁକ୍ତ ଆଦିତ୍ୟ ନାରାୟଣ ମିଶ୍ର କନିଷ୍ଠ ଯନ୍ତ୍ରୀ
୧୮. ଶ୍ରୀଯୁକ୍ତ ବିପିନ ବିହାରୀ ପ୍ରଧାନ କନିଷ୍ଠ ଯନ୍ତ୍ରୀ
୧୯. ଶ୍ରୀମତୀ ଗୀତାରାଣୀ ସାହୁ କନିଷ୍ଠ ଯନ୍ତ୍ରୀ
୨୦. ଶ୍ରୀଯୁକ୍ତ ଦିଲ୍ଲିପ କୁମାର ସାହୁ କନିଷ୍ଠ ଯନ୍ତ୍ରୀ
୨୧. ଶ୍ରୀଯୁକ୍ତ ପ୍ରଭାସଚନ୍ଦ୍ର ବିଶ୍ୱାଳ କନିଷ୍ଠ ଯନ୍ତ୍ରୀ
୨୨. ଶ୍ରୀଯୁକ୍ତ ମନୋଜ କୁମାର ଦେବତା କନିଷ୍ଠ ଯନ୍ତ୍ରୀ
୨୩. ଶ୍ରୀଯୁକ୍ତ ଲଳିତେନ୍ଦୁ ନାୟକ କନିଷ୍ଠ ଯନ୍ତ୍ରୀ
୨୪. ଶ୍ରୀମତୀ ସାଗତିକା ମହାନ୍ତି କନିଷ୍ଠ ଯନ୍ତ୍ରୀ (କଣ୍ଟ୍ରାକ୍ଟୁଆଲ)

ଏହି ବୈଠକରେ ଚୌଦ୍ୱାର କଟକ ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, କମିଶନର, ସମସ୍ତ କର୍ପୋରେଟର, ନିଗମର ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ସଦସ୍ୟ ଶ୍ରୀଯୁକ୍ତ ଜୟଦେବ ଜେନା ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ୱାର୍ଡ଼ ସଂରକ୍ଷଣ ନିମନ୍ତେ ଗତ ସ୍ୱତନ୍ତ୍ର ବୈଠକରେ ଯାହା ନିଷ୍ପତି ଗ୍ରହଣ କରାଗଲା ଯାହାକି ଶେଷ ପର୍ଯ୍ୟାୟରେ ଅନେକ ସଦସ୍ୟ/ସଦସ୍ୟା ଅନୁପସ୍ଥିତ ଥିଲେ । ଏକ ନିର୍ଦ୍ଦିଷ୍ଟ ଦୈନିକ ଖବର କାଗଜ ମାଧମରେ ୱାର୍ଡ଼ ପୁର୍ନଗଠନ ଓ ସଂରକ୍ଷଣ ସମ୍ବନ୍ଧରେ ଯାହା ପ୍ରକାଶ ପାଇଛି ତାହାର ସତ୍ୟାସତ୍ୟ ଗୃହରେ ଜଣାଇବା ସହ ୱାର୍ଡ଼ ପୁର୍ନଗଠନ ବାବଦରେ ରାଜ୍ୟ ସରକାରଙ୍କ ତରଫରୁ ଯେଉଁ ପତ୍ର ଆସିଛି ସେଥିରେ ନୀୟମାବଳୀ କ'ଣ ରହିଛି ତଥା ଗଣମାଧମକୁ ଏ ବିଷୟରେ କିଏ ତଥ୍ୟ ପ୍ରଦାନ କରିଛି ତାହାର ସ୍ପଷ୍ଟିକରଣ ଚାହିଁଥିଲେ । ଉନ୍ନତି ଯୋଜନାରେ ନିଗମ ଅଂଚଳରେ କରାଯିବାକୁ ଥିବା ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନରେ ଆୟୁକ୍ତଙ୍କ ଦ୍ୱାରା ଗତ ପରିଷଦ ବୈଠକରେ ୭ ଦିନ

ମଧ୍ୟରେ  କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲେ ସୁଦ୍ଧା, ଏ ଯାବତ୍ କୌଣସି ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇନଥିବାରୁ କେତେ ଦିନ ମଧ୍ୟରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ତାହା ଗୃହକୁ ଅବଗତ କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଗିରିବାଳା ବେହେରା, କର୍ପୋରେଟର, ଓ୍ୱାର୍ଡ଼ ନଂ-୪ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଦୈନିକ ଖବର କାଗଜ ମାଧ୍ୟମରେ  ଓ୍ୱାର୍ଡ଼ ସଂରକ୍ଷଣ ସମ୍ବନ୍ଧରେ ଯାହା ପ୍ରକାଶ ପାଇଛି ତାହାର କେତେ ସତ୍ୟତା ଅଛି । ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା ଅତି କମ୍‌ରେ ଦୁଇଟି ଅବଧି ପାଇଁ ସଂରକ୍ଷଣରେ ପରିବର୍ତ୍ତନ କରାଯିବ ନାହିଁ । କେଉଁ ଆଧାରରେ ଗୋଟିଏ ଅବଧି ପରେ ପରିବର୍ତ୍ତନ କରାଯାଉଛି , ସେ  ସମ୍ପର୍କରେ ଆୟୁକ୍ତଙ୍କ ଠାରୁ ସ୍ପଷ୍ଟିକରଣ ଚାହିଁଥିଲେ । ଜଣେ କର୍ପୋରେଟର ଗୋଟିଏ ମିଆଦ ମଧ୍ୟରେ ନିଜ ଓ୍ୱାର୍ଡ଼ର ଉନ୍ନତି କାର୍ଯ୍ୟ ସମ୍ପନ୍ନ କରିପାରିବ ନାହିଁ । ତେଣୁ ଓ୍ୱାର୍ଡ଼ ସଂରକ୍ଷଣ-୨୦୧୪କୁ ବଜାୟ ରଖିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ଜାଇକା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଡ୍ରେନ ବା ଅନ୍ୟ ଛୋଟ ବଡ଼ ଡ୍ରେନ ସଫେଇ କରଣ ବର୍ଷାଦିନ ପୂର୍ବରୁ କରାଯାଉ ନଚେତ ବର୍ଷାଦଦିନରେ କଟକ ସହର ଭାସିବ । ବର୍ତ୍ତମାନ ସୁତାହାଟ, କାଜିବଜାର, ଖଟବିନ ସାହି ଆଦି ଅଂଚଳରେ ଲୋକମାନେ ପଦାକୁ ବାହାରି ପାରୁନାହାଁନ୍ତି । ବିଭିନ୍ନ ସ୍ଥାନରେ କର୍ଲଭଟ ଗୁଡ଼ିକ ସଠିକ ଭାବେ ସଫେଇ କରାଯାଉନାହିଁ । ଯାହା ଫଳରେ ଜଳ ନିଷ୍କାସନ ହେବାରେ ବାଧାପ୍ରାପ୍ତ ହେଉଛି । ଏ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବର୍ଯ୍ୟବସ୍ତୁ ପରିଚାଳନାରେ ନିଗମ ସମ୍ପୂର୍ଣ୍ଣ ଭାବେ ବିଫଳ । ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ରାମକୀ ଓ୍ୱାର୍ଡ଼କୁ ଟ୍ରାକ୍ଟର କିମ୍ବା କୁଲି ଯୋଗାଉନାହିଁ । ଓ୍ୱାର୍ଡ଼ରେ ଅଳିଆ ଉଠାଯାଉନାହିଁ । ରାମକୀକୁ ଫୋନ କଲେ କୌଣସି ସମାଧାନ କରୁନାହିଁ । ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ର-ହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ନିଗମ ଅଂଚଳରେ ଯେଉଁ  ହିତାଧିକାରୀମାନଙ୍କର ୮୦ ବର୍ଷ ହୋଇଯାଇଛି ସେମାନଙ୍କୁ ମାସିକ ୫ଶହ ଟଙ୍କା ଏବଂ  ଇନ୍ଦିରାଗାନ୍ଧୀ ପେନସନ ଯୋଜନାରେ  ଯେଉଁ ମାନେ ୬୦ ପ୍ରତିଶତ ଭିନ୍ନକ୍ଷମ  ସେମାନଙ୍କୁ ମାସିକ ୩ ଶହ ଟଙ୍କା ବଦଳରେ ୫ଶହ ଟଙ୍କା ପ୍ରଦାନ କରାଯିବ ବୋଲି ସରକାରଙ୍କ ନିର୍ଦ୍ଦେଶନାମା ଆସିଥିବାରୁ ସେ ସମ୍ପର୍କରେ ଗୃହକୁ ଅବଗତ କରାଯାଉନାହିଁ । ନୂତନ ଭାବେ ଭତା ପାଇବା ନିମନ୍ତେ ଆବେଦନ କରିଥିବା  ହିତାଧିକାରୀ ବର୍ଷ ବର୍ଷ ଧରି ଅପେକ୍ଷାରତ ଥିବାରୁ ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ କଟକ ସହରରେ ଜଣ୍ଡିସ ବ୍ୟାପିଥିବା ବେଳେ ମଶାବୃଦ୍ଧି ଯୋଗୁଁ ଡେ଼ଙ୍ଗୁ ଓ ମେଲେରିଆ ବ୍ୟାପିବାର ସମ୍ଭାବନା ଅଧିକ ଥିବାରୁ ସେଥିପ୍ରତି ଧ୍ୟାନ ଦିଆଯିବା ସହ ମଶାତେଲ ଅଧିକ ପରିମାଣରେ ବୃଦ୍ଧି କରାଯାଇ ମଶାଧୁଆଁ ସିଂଚନ କରାଯିବା ସହ ଯେଉଁ ଅଂଚଳରେ ପାଇପ ଫାଟି

ମଇଳା ପାଣି ପାଇପରେ ମିଶୁଛି ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ସହ ପାଇପ ମରାମତି କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ସତୀଚୌରା ଏବଂ କାଳିଆବୋଦା ଶ୍ମଶାନର ଉନ୍ନତି କରାଯିବା ସହିତ ଗ୍ୟାସ ଚୁଲାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଉନ୍ନତି ଯୋଜନାରେ ନିଗମ ଅଂଚଳରେ କରାଯିବାକୁ ଥିବା ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନରେ ଆୟୁକ୍ତଙ୍କ ଦ୍ୱାରା ଗତ ବୈଠକରେ ୭ ଦିନ ମଧ୍ୟରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲେ ସୁଦ୍ଧା, ବର୍ତ୍ତମାନ ପର୍ଯ୍ୟନ୍ତ ଜଣେ ହେଲେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇନଥିବାରୁ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ବିଜୁ ଭବନ ନିକଟରେ ଥିବା ନିଗମର ପୁରୁଣା କାର୍ଯ୍ୟାଳୟ ଅସୁରକ୍ଷୀତ ଅବସ୍ଥାରେ ଥିବାରୁ ସେଥିପ୍ରତି ଧ୍ୟାନ ଦିଆଯାଉ । ପେଟାନାଳ ସଫେଇ ତୁରନ୍ତ କରାଯାଉ, ଉକ୍ତ ନାଳ ସଫାକରାଗଲେ ୪ଟି ୱାର୍ଡ଼ରେ ଜଳ ନିଷ୍କାସନ ହୋଇପାରିବ । ନିଗମ ଅଂଚଳରେ ଥିବା ବିଭିନ୍ନ ପାର୍କରେ ଆଲୋକ ଏବଂ ଜଳ ଯୋଗାଣ ବ୍ୟବସ୍ଥା କରାଯିବାକୁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତ ଜ୍ଞାନ ରଂଜନ ସାଇଁ, କର୍ପୋରେଟର, ୱାର୍ଡ଼ ନଂ-୧୦ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ବର୍ତ୍ତମାନ ସୁଦ୍ଧା ଆଲୋକୀକରଣ ଯୋଜନାରେ ସର୍ଭେ କରାଯାଇନଥିବା ବେଳେ ବିଭିନ୍ନ ସ୍ଥାନରେ ବୈଦ୍ୟୁତିକ ଖୁଣ୍ଟି ଠିକ୍ ନଥିବାରୁ ୱାର୍ଡ଼ର ବିଭିନ୍ନ ସ୍ଥାନରେ ଅନ୍ଧାର ରହିଥିବାରୁ ଯଥାଶିଘ୍ର ଏହାର ପ୍ରତିକାର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ନମିତା ମଞ୍ଜରି ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୪ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଉନ୍ନତି ଯୋଜନାରେ ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କାରେ ୱାର୍ଡ଼ରେ ଆବଶ୍ୟକଥିବା କାର୍ଯ୍ୟ ଗୁଡ଼ିକର ତାଲିକା ବୈଠକର ବିବରଣୀରେ ସ୍ଥାନ ପାଇନଥିବା ବେଳେ ଅନାବଶ୍ୟକ କାର୍ଯ୍ୟର ତାଲିକା ପ୍ରକାଶ ପାଇଅଛି । ୱାର୍ଡ଼ର ନିତ୍ୟାନ୍ତ ଆବଶ୍ୟକ ଥିବା କାର୍ଯ୍ୟ ଗୁଡ଼ିକ ଏହି ଯୋଜନାରେ ସ୍ଥାନ ପାଇନଥିବାରୁ ଯଥାଶିଘ୍ର ଆବଶ୍ୟକ ଥିବା କାର୍ଯ୍ୟ ଗୁଡ଼ିକର ତାଲିକା ପ୍ରସ୍ତୁତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ ନିମନ୍ତେ କୁଲି ସମସ୍ୟା ନେଇ ବାରମ୍ବାର ବୈଠକରେ ଆଲୋଚନା କଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ । ୱାର୍ଡ଼ରେ ଥିବା କୁଲି ମୃତ୍ୟୁ ବରଣ ଏବଂ ଅବସରଗ୍ରହଣ କରିଥିବାରୁ ବାରମ୍ବାର ଏ ଦିଗରେ କହିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ୱାର୍ଡ଼ରେ ଡ଼ମ୍ପିଂ ୟାଡ଼ ନଥିବାରୁ ପରିମଳ ବ୍ୟବସ୍ଥାରେ ଉନ୍ନତି ଘଟୁନାହିଁ ଏନେଇ ବାରମ୍ବାର ଦାବି ଉପସ୍ଥାପନ କରିବା ପରେ ମଧ୍ୟ ଯେଉଁ ଅସ୍ଥାୟୀ ଡ଼ମ୍ପିଂ ୟାଡ଼ କରାଯାଇଛି ସେଥିରେ ପ୍ରାଚେରୀ ନଥିବାରୁ, ସେଠାରେ କୁକୁର, ଘୁଷୁରୀମାନେ ରାସ୍ତାରେ ଅଳିଆ ଖେଳାଇବା ଦ୍ୱାରା ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବାରୁ ଜନ ଅସନ୍ତୋଷ ସୃଷ୍ଟି ହେଉଛି । ଏହି ବିଷୟରେ ବିଗତ ବୈଠକ ଗୁଡ଼ିକରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ନିଗମର ଅଧିକାରୀମାନେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ, ଅଧିକାରିମାନଙ୍କୁ ତାଗିଦ କରିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ଜାଇକା, ଅମୃତ ଏବଂ ଓପିଟିସିଏଲ୍ ଦ୍ୱାରା କ୍ଷତି ଗ୍ରସ୍ତ ହେଉଥିବା ଡ୍ରେନ ଗୁଡ଼ିକର ନିର୍ମାଣ କରାଯାଉ ନାହିଁ କିମ୍ବା ସଫେଇ କରାଯାଉନାହିଁ, ଯାହା ଫଳରେ ଡ୍ରେନରେ ଜଳ ନିଷ୍କାସନ ହୋଇପାରୁନାହିଁ । ଅଧାପନ୍ତରିଆ କାର୍ଯ୍ୟ ହେବା ଦ୍ୱାରା ରାସ୍ତା ଘାଟ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି, ଏ ନେଇ ଅଭିଯୋଗ କଲେ କୌଣସି ଫଳପ୍ରଦ ହେଉନାହିଁ, ତେଣୁ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ରେ ଦୈନିକ ୫ ଟ୍ରାକ୍ଟର ଅଳିଆ ବାହାରୁଥିବା ବେଳେ ଗୋଟିଏ ଟ୍ରାକ୍ଟର ଦ୍ୱାରା ଆବର୍ଜନା ପରିବହନ କରାଯାଉଥିବାରୁ ଅବଶିଷ୍ଟ ଆବର୍ଜନା ପଡ଼ିରହୁଥିବାରୁ, ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଶୁଦ୍ଧିକ୍ରିୟା ତୁଠ ବାବଦରେ ବଜେଟରେ ସ୍ଥାନ ପାଇଥିବା ବେଳେ ମହାନଦୀ କଡ଼ରେ ତୁଠ ନିର୍ମାଣ ନିମନ୍ତେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ମଂଜୁର ଦେଉନାହଁନ୍ତି । ତେବେ ୱାର୍ଡ଼ରେ କେଉଁ ସ୍ଥାନରେ ଶୁଦ୍ଧୀକ୍ରିୟା ନିମନ୍ତେ ତୁଠ କରାଯିବ ସେ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ।

❖ ୱାର୍ଡ଼ ନଂ-୩୩ ଅର୍ନ୍ତଗତ ଡ଼ା ପିତବାସ ସାହୁଙ୍କ ଘର ନିକଟରୁ ଡ୍ରେନ ସଫେଇ କରାଗଲେ ୱାର୍ଡ଼ ନଂ-୨୫, ୩୨, ୩୩, ୩୪ ସ୍ଥିତ ସମସ୍ତ ଡ୍ରେନର ଜଳ ଉକ୍ତ ଡ୍ରେନ ମଧ୍ୟ ଦେଇଯାଇଥାଏ । ବାରମ୍ବାର ଉକ୍ତ ଡ୍ରେନକୁ ସଫେଇ କରାଯିବା ନିମନ୍ତେ ବାରମ୍ବାର ପ୍ରସ୍ତାବ ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟ କରାଯାଉନଥିବାରୁ, ଉକ୍ତ ଡ୍ରେନକୁ ମେସିନ ବଦଳରେ କୁଲି ନିଯୋଜନ କରାଯାଇ ସଫେଇ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଏନ୍‌ପିଆର ନମ୍ବର ନଥିଲେ ଲୋକମାନେ ସରକାରୀ ସୁବିଧା ଯଥା ଗ୍ୟାସ ସଂଯୋଗ ପାଇ ପାରୁନାହାଁନ୍ତି । ଏ ସମ୍ବନ୍ଧରେ ବିଗତ ବୈଠକ ଗୁଡ଼ିକରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ତେବେ ୱାର୍ଡ଼ବାସୀ କେଉଁ ଠାରୁ ଏନ୍‌ପିଆର ନମ୍ବର ପାଇପାରିବେ ତାହାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସହରରେ ଏଲ୍‌ଇଡ଼ି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ବାରମ୍ବାର ଶୁଣିବାକୁ ମିଳୁଥିବା ବେଳେ ୱାର୍ଡ଼ର ଅନେକ ସ୍ଥାନରେ ଲାଇଟ ଜଳୁନଥିବାରୁ ଯଥାଶିଘ୍ର ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପୂର୍ବରୁ ୮/୧୦ ଜଣ କର୍ପୋରେଟରଙ୍କୁ ନେଇ ଏକ ସମିକ୍ଷା ବୈଠକ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ବୈଠକ କରାଯାଇପାରିଲାନାହିଁ । ଗୃହରେ ସଦସ୍ୟ/ସଦସ୍ୟା ମାନେ ଯାହା ପ୍ରସ୍ତାବ ଉପସ୍ଥାପନ କରୁଛନ୍ତି, ସେଗୁଡ଼ିକ ଗୁରୁତ୍ୱ ଦିଆଯାଉନାହିଁ ବୋଲି ଅଭିଯୋଗ କରିଥିଲେ ।

**ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, କର୍ପୋରେଟର, ୱାର୍ଡ଼ ନଂ-୫୬ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଉନ୍ନତି ଯୋଜନାରେ ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନରେ ନିଗମ ଅଂଚଳରେ କରାଯିବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ବର୍ତମାନ ସୁଦ୍ଧା କାର୍ଯ୍ୟାଦେଶ ପ୍ରଦାନ କରାଯାଇନଥିବାରୁ ଅସନ୍ତୋଷ ବ୍ୟକ୍ତି କରିବା ସହ କେବେ ସୁଦ୍ଧା କାର୍ଯ୍ୟାଦେଶ ପ୍ରଦାନ କରାଯିବ ତାହା କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ଟେଣ୍ଡର ପକ୍ରିୟାରେ ଅଂଶ ଗ୍ରହଣ କରୁଥିବା ଠିକାଦାର ମାନଙ୍କର **EMD Account** କେବେ ଖୋଲାଯିବ । ଯଦି ଆକାଉଣ୍ଟରେ **EMD Deposit** କରାଯିବା ପରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ, ତେବେ କାହିଁକି ଆକାଉଣ୍ଟ ଖୋଲାଯାଉନାହିଁ । ଏ ବିଷୟରେ ବିତ ଅଧିକାରୀଙ୍କୁ ଫୋନ କଲେ କଲ୍ ଗ୍ରହଣ କରୁନାହଁନ୍ତି । ସେହିପରି ଯେଉଁ ଠିକାଦାରମାନେ

କାର୍ଯ୍ୟାଦେଶ ପାଇଥିଲେ ସୁଦ୍ଧା କାର୍ଯ୍ୟାରମ୍ଭ କରିବାରେ ବିଳମ୍ବ କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ କ'ଣ ପଦକ୍ଷେପ ଗ୍ରହଣ କରାଯିବ କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

- ❖ ପରିବାର ମଙ୍ଗଳ ଯୋଜନାରେ ହିତାଧିକାରୀ ମାନଙ୍କ ଖାତାକୁ ପଇସା ଯାଉଛି କି ନାହିଁ, ୱାର୍ଡ଼ ୱାରୀ କେତେ ହିତାଧିକାରୀ ଚୟନ କରାଯାଇଛି ତାହାର ତାଲିକା ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯାଉ । ପ୍ରୋଜେକ୍ଟ ସମ୍ମାନ ମାଧ୍ୟମରେ କରାଯାଉଥିବା କାର୍ଯ୍ୟ କେବେ ସୁଦ୍ଧା ସରିବ ଏବଂ ଅର୍ଦ୍ଧନିର୍ମିତ ଅବସ୍ଥାରେ ନିର୍ମାଣ କରାଯାଇଥିବା ଶୌଚାଳୟର କେଉଁଠି କାନ୍ଥ ଭାଙ୍ଗିଗଲାଣି ତ କେଉଁଠାରେ ଆଜବେଷ୍ଟ ଭାଙ୍ଗିଯାଇଛି । ତେଣୁ ଏନ୍‌ବିସିସି ସଂସ୍ଥା ଯଦି ଠକୁଛି, ତେବେ ତାଙ୍କ ବିରୁଦ୍ଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସମ୍ବନ୍ଧରେ ଜାଣିବାକୁ ଚାହିଁଥିଲେ ।

**<u>ଶ୍ରୀଯୁକ୍ତ ବିକାଶ ରଂଜନ ବେହେରା, ଅଧ୍ୟକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି , ଏକ ନିର୍ଦ୍ଦିଷ୍ଟ ଦୈନିକ ଖବର କାଗଜ ମାଧ୍ୟମରେ ୱାର୍ଡ଼ ସଂରକ୍ଷଣ ସମ୍ବନ୍ଧରେ ଯାହା ପ୍ରକାଶ ପାଇଛି ତାହାର ସତ୍ୟାସତ୍ୟ ଗୃହରେ ଜଣାଇବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବଜେଟ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ଆଲୋଚନା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ନିଗମ ୱାର୍ଡ଼ ଗୁଡ଼ିକରେ ପଙ୍କୋଦ୍ଧାର କାର୍ଯ୍ୟ କୁଲି ଅଭାବରୁ କରାଯାଇ ପାରୁନାହିଁ । ନିଗମ ଅଂଚଳରେ ଜାଇକା, ଅମୃତ ଏବଂ ଓପିଟିସିଏଲ୍ ଆଦି ସଂସ୍ଥାରେ କୁଲିମାନେ ନିୟୋଜିତ ଥିବାରୁ ପଙ୍କଉଦ୍ଧାର କାର୍ଯ୍ୟ ସଠିକ ଭାବେ ହୋଇପାରୁନାହିଁ । ତେଣୁ ବାହାରୁ କୁଲି ଅଣାଯାଇ ପଙ୍କୋଦ୍ଧାର କାର୍ଯ୍ୟ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ନଚେତ୍ ପଙ୍କୋଦ୍ଧାର କାର୍ଯ୍ୟ ହୋଇ ପାରିବ ନାହିଁ । ବର୍ଷାଦିନ ଆସିଲେ କଟକ ସହର ଭାସିବ ବୋଲି ସତର୍କ କରାଇଦେଇଥିଲେ । ତେଣୁ ପ୍ରତି ୱାର୍ଡ଼କୁ ୫ ଜଣ ଲେଖାଏଁ କୁଲି ନିୟୋଜନକୁ ଅତିରିକ୍ତ ଏକ ମାସ ବୃଦ୍ଧି କରାଯାଉ । ସେହିପରି ମେଜର ସର୍ଫେସ ଡ୍ରେନ ଠିକାଦାରଙ୍କ ତାଲିକା କରୁଛି, ହେଲେ ସଠିକ୍ ଭାବେ ପଙ୍କୋଦ୍ଧାର କରୁନାହିଁ । ତେଣୁ ତାଲିକା ସହିତ ଏକ ବୈଠକ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ବିଜୁ ପଟ୍ଟନାୟକ ଛକ ଠାରୁ ହରିଣ ପାର୍କ ପର୍ଯ୍ୟନ୍ତ ଏବଂ ବିଜୁ ପଟ୍ଟନାୟକ ଛକ ଠାରୁ କନିକା ଛକ ପର୍ଯ୍ୟନ୍ତ ଚାରିଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଉକ୍ତ ସ୍ଥାନରେ ଉଠାଦୋକାନି ମାନଙ୍କୁ ଉଠାଯାଇଛି । ତେଣୁ ଷ୍ଟ୍ରିଟ ଭେଣ୍ଡର ପଲିସି ଆଧାରରେ ଉକ୍ତ ଅଂଚଳର କର୍ପୋରେଟରଙ୍କ ସହାୟତାରେ ସଠିକ ସର୍ଭେ କରାଯାଇ ଉକ୍ତ ଦୋକାନି ମାନଙ୍କୁ ଥଇଥାନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ❖ ଗତ ତା ୩୧.୦୧.୨୦୧୮ରିଖ ପରିଷଦ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ବିଜୁ ପଟ୍ଟନାୟକ ଛକ ଠାରୁ ଦେଉଳସାହି ଏବଂ ଦେଉଳସାହି ଠାରୁ ଜିମ୍‌ନାସିୟମ ଛକ ଓ ଓ୍ୟାରେଲେସ ଛକ ଠାରୁ ବାଉରୀସାହି ଛକ ପର୍ଯ୍ୟନ୍ତ ୩ ଗୋଟି ମୁଖ୍ୟ ରାସ୍ତାକୁ ତୁଳସୀପୁର ମୁଖ୍ୟ ରାସ୍ତାକୁ **R & B Department** କୁ ହସ୍ତାନ୍ତର କରାଯିବା ନିମନ୍ତେ ପ୍ରସ୍ତାବ ଗୃହିତ କରାଯାଇଥିବାରୁ ଉକ୍ତ ରାସ୍ତା ଗୁଡ଼ିକ ହସ୍ତାନ୍ତର ନିମନ୍ତେ **R & B Department** କୁ ଯଥାଶିଘ୍ର ପତ୍ରାଳାପ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ଭତା ପ୍ରଦାନ ସଠିକ ଭାବେ କରାଯାଉନାହିଁ, କେତେକ ନିର୍ଦ୍ଦିଷ୍ଟ ଭିନ୍ନକ୍ଷମ ବା ଅକ୍ଷମ ବ୍ୟକ୍ତି ଭତା କେନ୍ଦ୍ରକୁ ଆସୁପାରୁନାହାଁନ୍ତି । ଲିଖିତ ଆକାରରେ ଜଣାଇଲେ ମଧ ସେମାନଙ୍କ ଘରେ ଯାଇ ଭତା ପ୍ରଦାନ କରାଯାଉନାହିଁ ଏବଂ ୱାର୍ଡ଼ରେ ପ୍ରଦାନ କରାଯାଉଥିବା ଭତା କେନ୍ଦ୍ରର ଗୃହ ଅସୁରକ୍ଷିତ ଅବସ୍ଥାରେ ଥିବାରୁ ଉକ୍ତ ଭତା କେନ୍ଦ୍ରକୁ ମଠସାହିସ୍ଥିତ ପର୍ଣ୍ଣମେଶ୍ୱର କମ୍ୟୁନିଟି ସେଣ୍ଟର କିମ୍ବା ନିଗମର ରିଟାର୍ଡ଼ ପେନସନ ଆସୋସିଏସନ କାର୍ଯ୍ୟାଳୟ, କନିକାଛକକୁ ସ୍ଥାନାନ୍ତର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟିରେ ଯେଉଁ କାର୍ଯ୍ୟ ମଂଜୁର କରାଯାଇଛି, ଉକ୍ତ କାର୍ଯ୍ୟାଦେଶ ପ୍ରାପ୍ତ ହୋଇଥିବା ଠିକାଦାର ଯଦି ୭ ଦିନ ମଧ୍ୟରେ କାର୍ଯ୍ୟାରମ୍ଭ ନକରନ୍ତି ତେବେ ସେମାନଙ୍କ କାର୍ଯ୍ୟାଦେଶ ନାକଚ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ରାସନକାର୍ଡ଼ ପ୍ରସ୍ତୁତ ହୋଇ ୨ ମାସରୁ ଉର୍ଦ୍ଧ ହେବ ନିଗମର ପ୍ରକଳ୍ପ ବିଭାଗରେ ପଡ଼ିରହିଥିବାରୁ, ଆୟୁକ୍ତ ତୁରନ୍ତ ଯୋଗାଣ ଅଧିକାରୀଙ୍କୁ ଡ଼କାଇ ରାସନ କାର୍ଡ଼ ବଣ୍ଟନ କରାଯିବାକୁ ପ୍ରସ୍ତାବ ଦେବା ସହ ଫ୍ରିଜିଂ କାର୍ଡ଼ ଗୁଡ଼ିକର ତାଲିକା ଗୃହକୁ ପ୍ରଦାନ କରାଯାଇନାହିଁ । ମୃତ୍ୟୁ କିମ୍ବା ବିଭାହିତ ଝିଅ ମାନଙ୍କ ଖାଲି ପଡୁଥିବା ସ୍ଥାନରେ ଡ଼ିଲର ଏବଂ ଯୋଗାଣ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ କେତେକ ହିତାଧିକାରିଙ୍କୁ କାର୍ଡ଼ ପ୍ରଦାନ କରାଯାଉଛି ଯାହାକି କର୍ପୋରେଟର ମାନଙ୍କୁ ଅବଗତ କରାଯାଉନାହିଁ । ଏଲ୍‌ଇଡ଼ି ଯୋଜନାରେ ନିଗମ ଅଂଚଳକୁ ୬ ଗୋଟି ଜୋନରେ ବିଭକ୍ତ କରାଯିବା ସହ ୧୦ ଗୋଟି ସର୍ଭେ ଟିମ ଗଠନ କରାଯାଇ ସର୍ଭେ କରାଗଲେ ଶିଘ୍ର କାର୍ଯ୍ୟ ଶେଷ ହୋଇପାରିବ, ନଚେତ ଏଲ୍‌ଇଡ଼ି ଲାଗିବା ବହୁ ବିଳମ୍ବ ଘଟିବ ବୋଲି ମତବ୍ୟକ୍ତ କରିଥିଲେ ।

❖ ଅକ୍ଷୟ ମହାନ୍ତି ପାର୍କ କାର୍ଯ୍ୟ ନିମ୍ନମାନର କରାଯାଇଥିଲେ ମଧ ଉକ୍ତ କାର୍ଯ୍ୟକୁ ତଦାରଖ କରାଯିବା ସହିତ ଆଲୋକ ଏବଂ ଜଳ ଯୋଗାଣ ବ୍ୟବସ୍ଥା ତୁରନ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଜିଲ୍ଲାପାଳଙ୍କ ଆବାସ ନିକଟରେ ଥିବା ଡ୍ରେନ କାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଥିଲା କିନ୍ତୁ ଉକ୍ତ ସ୍ଥାନରେ ଜବରଦଖଲ ଥିବାରୁ କାର୍ଯ୍ୟ କରାଯାଇପାରୁନାହିଁ । ତେଣୁ ତୁରନ୍ତ ଜବରଦଖଲ ହଟାଯାଇ କାର୍ଯ୍ୟ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ଜଣ୍ଡିସ ବ୍ୟାପିଲାଣି, ନିଗମର ଜଳ ଯୋଗାଣ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ସମନ୍ୱୟରେ ଫଟା ପାଇପ୍ ମରାମତି ସହିତ ଜଳ ବିଶୋଧନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ମାନ୍ୟବର ମେୟର ଏବଂ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ନିଗମର ୨ଜଣ ଯନ୍ତ୍ରୀଙ୍କୁ ନିୟୋଜନ କରାଯାଇ ସମନ୍ୱୟ ରକ୍ଷା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ବର୍ତମାନ ଖୋଲାଯାଇଥିବା ସର୍ବତ, ଆଖୁ ରସ, ଲସି ଇତ୍ୟାଦି ଦୋକାନ ଗୁ-ଡ଼ିକ ଯାଂଚ କରାଯାଇ ମାନ ପରୀକ୍ଷା କରାଯିବା ସହ ରାସାୟନୀକ ଦ୍ରବ୍ୟ ବ୍ୟବହାର କରାଯାଉଥିବା ସର୍ବତ ଦୋକାନ ଗୁଡ଼ିକୁ ଚଢଉ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ବିଜୟ କୁମାର ଦଳେଇ, କର୍ପୋରେଟର, ୱାର୍ଡ଼ ନଂ-୧୧ :</u>**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, କଟକ ସହରରେ ମଶା ବଂଶ ପ୍ରବଳ ମାତ୍ରାରେ ବୃଦ୍ଧି ପାଇଥିବାରୁ ଦିନ ଓ ରାତିରେ କାମୁଡ଼ି ଅସ୍ତବ୍ୟକ୍ତ କରୁଛନ୍ତି । ନିଗମ ମଶା ନିୟନ୍ତ୍ରଣ

କରପାରୁନାହିଁ । ଏହାର ନିରାକରଣ ପାଇଁ ଏକ ବୈଷୟିକ କମିଟି ଗଠନ କରାଯିବା ସହ ମଶା ନିୟନ୍ତ୍ରଣ ପାଇଁ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ମମତା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୫୧ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ର ନୂଆସାହି ଠାରେ ଏକ କର୍ଲଭଟ ଭାଙ୍ଗିଯାଇଥିବାରୁ ରାସ୍ତାରେ ପାଣି ଜମି ରହୁଛି । ଜାଇକା କର୍ତୃପକ୍ଷଙ୍କୁ ଏ ବିଷୟରେ ଜଣାଇଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯଥାଶିଘ୍ର ଉକ୍ତ କର୍ଲଭଟ ନିର୍ମାଣ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ରେ ଥିବା କୁକୁର ବନ୍ଧ୍ୟାକରଣ କେନ୍ଦ୍ରର ରକ୍ଷଣାବେକ୍ଷଣ ସଠିକ ଭାବେ କରାଯାଉନଥିବା ବେଳେ ଡ଼ାକ୍ତର ମଧ୍ୟ ନିୟୋଜନ କରାଯାଇନାହିଁ । ଯାହାଫଳରେ ସହରରେ କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଜନସାଧରଣ ନାନା ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏ ବିଷୟରେ ବାରମ୍ବାର ଆଲୋଚନା କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ, ଯଥାଶିଘ୍ର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡ଼ରେ ଥିବା ଏକମାତ୍ର ହୋମିଓପ୍ୟାଥିକ ଡ଼ାକ୍ତରଖାନାରେ ଦୁରାବସ୍ଥା ଅତ୍ୟନ୍ତ ଦୟନିୟ ଅବସ୍ଥାରେ ଅଛି । ଘର ଛାତ ଭାଙ୍ଗିବା ସହିତ ପାଣି ଗଳୁଛି, ବାରଣ୍ଡାରେ ରୋଗି ସେବା କରାଯାଉଥିବା ବେଳେ ଆଲୋକ ତଥା ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ନାହିଁ । ଏକ ମାସ ମଧ୍ୟରେ ଉପରୋକ୍ତ ସମସ୍ୟା ଗୁଡ଼ିକ ସମାଧାନ କରାଯିବା ସହ ଉକ୍ତ ଡ଼ାକ୍ତରଖାନାର ପୁନଃ ନିର୍ମାଣ କରାନଗଲେ ୱାର୍ଡ଼ ବାସୀ ଆନ୍ଦୋଳନ ଗ୍ରହଣ କରିବାକୁ ଚୋତାବନି ଦେଇଥିବାର ମାନ୍ୟବର ମେୟର ତଥା ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡ଼ ୱାରୀ ୫୦ ଲକ୍ଷ ଏବଂ ଅନୁନ୍ନତ ୱାର୍ଡ଼ ପାଇଁ ୨୫ ଲକ୍ଷ ଟଙ୍କା ଅନୁଦାନ ବିନିମୟରେ କାର୍ଯ୍ୟାରମ୍ଭ କରାଯାଇନଥିବାରୁ, ଯଥାଶିଘ୍ର ଏକ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ରେ ଏଲ୍ଇଡ଼ି ଲାଇଟ ଲଗାଯିବା ନିମନ୍ତେ ଘୋଷଣା କରାଯାଇଥିଲେ ସୁଦ୍ଧା ଦୀର୍ଘ ୮ ମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ କରାଯାଇନାହିଁ ଏବଂ ୱାର୍ଡ଼ର ଅନେକ ଅଂଚଳ ଅନ୍ଧାରରେ ଅଛି । ଏଲ୍ଇଡ଼ି ଲାଇଟ ଆଳରେ ଉକ୍ତ କାର୍ଯ୍ୟ କରାଯାଉନାହିଁ । ଏ ବାବଦରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ତେଣୁ ଆସନ୍ତା ୭ ଦିନ ମଧ୍ୟରେ ଲାଇଟ ନଲାଗିଲେ ଆନ୍ଦୋଳନ କରାଯିବାକୁ ଚେତାବନି ଦେଇଥିଲେ ।

**ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, କର୍ପୋରେଟର, ୱାର୍ଡ଼ ନଂ-୫୭ :**

❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ସମସ୍ତ ୱାର୍ଡ଼ର ଡ୍ରେନ ସଫାଇ କାର୍ଯ୍ୟ କରାଯିବା ନିମନ୍ତେ ଦୁଇ ମାସ ପାଇଁ ଅତିରିକ୍ତ ୫ଜଣ ଲେଖାଏଁ କୁଲି ଯୋଗାଇ ଦେବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ୍ୟ ୱାର୍ଡ଼ ନଂ-୫୬ ରୁ ୫୯ ୱାର୍ଡ଼କୁ ଜଣେ ହେଲେ ଅତିରିକ୍ତ କୁଲି ଯୋଗାଇ

ଦିଆଯାଇନାହିଁ । କେବେ ସୁଦ୍ଧା ଉକ୍ତ ୱାର୍ଡ଼ ଗୁଡ଼ିକୁ କୁଲି ଯୋଗାଇ ଦିଆଯିବ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

- ❖ ଗୋପାଳପୁର ବାଲିକୁଦା ପରିଡ଼ାସାହି ଠାରେ ପୁରୁଣା ଡ୍ରେନ ଇଟା ଦ୍ୱାରା ନିର୍ମାଣ କରାଯାଇଥିଲା କିନ୍ତୁ ଉକ୍ତ ଡ୍ରେନ ଭାଙ୍ଗି ନଷ୍ଟ ହୋଇଯାଇଥିବାରୁ, ଉକ୍ତ ଡ୍ରେନକୁ ଭଙ୍ଗାଯାଇ **RCC Drain** ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ନିଗମର ୫୯ ଗୋଟି ୱାର୍ଡ଼ରେ କେତେ ଗୋଟି କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯାଇଛି ତାହାର ସମ୍ପୂର୍ଣ୍ଣ ତାଲିକା ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ଉନ୍ନତି ଯୋଜନାରେ ୱାର୍ଡ଼ରେ ଥିବା ମାଟି, ଗୋଟି ରାସ୍ତା ଗୁଡ଼ିକ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ଏଲ୍‌ଇଡ଼ି ଲାଇଟ ଲଗାଯିବା ନିମନ୍ତେ ବର୍ତମାନ ସୁଦ୍ଧା ୱାର୍ଡ଼ରେ ସର୍ଭେ କରାଯାଇନଥିବାରୁ, ଯଥାଶିଘ୍ର ସର୍ଭେ କରାଯାଇ ଏଲ୍‌ଇଡ଼ି ଲାଇଟର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ଉନ୍ନତି ଯୋଜନାରେ ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନ କାର୍ଯ୍ୟ ଏବଂ ଅନୁନ୍ନତ ୱାର୍ଡ଼ ବାବଦରେ ୨୫ ଲକ୍ଷ ଟଙ୍କା ଅନୁଦାନର କାର୍ଯ୍ୟାଦେଶ ପ୍ରଦାନ ନିମନ୍ତେ ବିଳମ୍ବ କରାଯାଉଥିବାରୁ, ଯଥାଶିଘ୍ର କାର୍ଯ୍ୟାଦେଶ ପ୍ରଦାନ କରାଯାଇ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଅନିତା ନାୟକ, କର୍ପୋରେଟର, ୱାର୍ଡ଼ ନଂ. – ୨୨ :**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଥିବା ନିଗମର ଭଗତ ହଷ୍ଟେଲ ବହୁ ପୁରୁଣା ୧୦ ଗୋଟି ଗୃହ ଥିବାରୁ, ଉକ୍ତ ହଷ୍ଟେଲର ବହୁ ପୁରୁଣା ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ବାରମ୍ବାର ଦାବି ଉପସ୍ଥାପନା କରିଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ଉକ୍ତ ହଷ୍ଟେଲର ପୁର୍ନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବାକୁ ମାନ୍ୟବର ମେୟର ତଥା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**<u>ଶ୍ରୀଯୁକ୍ତା ଦିପାଳିବାଳା ଭୂୟାଁ , କର୍ପୋରେଟର, ୱାର୍ଡ଼ ନଂ-୩୪ :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଦୁଇଗୋଟି ନଳକୂପର ଆବଶ୍ୟକଥିବାରୁ ଏ ଦିଗରେ ବାରମ୍ବାର ପ୍ରସ୍ତାବ ଆଗତ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ, ଗ୍ରୀଷ୍ମ ଦିନ ପୁର୍ବରୁ ୨ଗୋଟି ନଳକୂପ ସ୍ଥାପନ କରାଯିବା ସହ ପୁରୁଣା ନଳକୂପ ଓ ଚଟାଣ ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ବର୍ଷାଦିନ ପୂର୍ବରୁ ୱାର୍ଡ଼ରେ ଥିବା ଡ୍ରେନ ଗୁଡ଼ିକର ପଙ୍କୋଦ୍ଧାର କରାଯିବା ନିମନ୍ତେ ଅତିରିକ୍ତ ଏକ ମାସ ୫ଜଣ କୁଲି ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ ।

**<u>ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୪୨ :</u>**

- ❖ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ୱାର୍ଡ଼ ସଂରକ୍ଷଣ ବାବଦରେ ଖବର କାଗଜରେ ଯାହା ପ୍ରକାଶ ପାଇଛି ତାହାର ସତ୍ୟା ସତ୍ୟ ଅଛିକି ନାହିଁ ଗୃହକୁ ଅବଗତ କରାଯାଉ ।

- ସହରରେ ଆଲୋକୀକରଣ ଯୋଜନାରେ ଅତ୍ୟନ୍ତ ଜରୁରୀ ଥିବା ସ୍ଥାନରେ ଏଲ୍‌ଇଡ଼ି ଲଗାଯାଉ ଏବଂ ସମ୍ପୂର୍ଣ୍ଣ ଆଲୋକୀକରଣ  କାର୍ଯ୍ୟ ୪ ମାସ ମଧ୍ୟରେ ସମ୍ପନ୍ନ କରାଯିବା ନିମନ୍ତେ ଦାବି ଉପସ୍ଥାପନା କରିଥିଲେ । କାରଣ ୱାର୍ଡ଼ ନଂ-୧ ରୁ କାର୍ଯ୍ୟ ଆରମ୍ଭ ହୋଇ ୫୯ ନମ୍ବର ୱାର୍ଡ଼ରେ କେବେ ପହଁଚିବ ତାହାର ଉତର କାହା ପାଖରେ ନାହିଁ ବୋଲି କହିଥିଲେ ।
- ୱାର୍ଡ଼ରେ ନୂତନ ଡ୍ରେନ ଗୁଡ଼ିକୁ ସର୍ଭେ କରାଯାଇ ଟେଣ୍ଡର ମାଧ୍ୟମରେ ପଙ୍କୋଦ୍ଧାର କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମରେ ସମସ୍ତ କାର୍ଯ୍ୟ ସଠିକ ଢଙ୍ଗରେ ଏବଂ ସଠିକ ସମୟରେ ହୋଇପାରୁନଥିବାରୁ କାର୍ଯ୍ୟ ବଣ୍ଟନ କରାଯିବା ସପକ୍ଷରେ  ମତବ୍ୟକ୍ତ କରି କିଛି କାର୍ଯ୍ୟଭାର ଡ଼େପୁଟି ମେୟରଙ୍କୁ ଦାୟୀତ୍ୱ ପ୍ରଦାନ କରାଗଲେ ସମସ୍ତ କାର୍ଯ୍ୟ ସୂଚାରରୂପେ ହୋଇପାରିବ ବୋଲି  ପ୍ରସ୍ତାବ ଦେଇଥିଲେ ।
- ସମ୍ରାଟ ସିନେମା ହଲ ଠାରୁ ରାଜେନ୍ଦ୍ର ନଗର ଦେଇ ଡ଼ଗ ଫାର୍ମ ପର୍ଯ୍ୟନ୍ତ ରାସ୍ତାକୁ **R & B** ବିଭାଗକୁ ହସ୍ତାନ୍ତର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ବୈଶାଳୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୨୮ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୱାର୍ଡ଼ରେ ଥିବା ହୋମିଓ ପ୍ୟାଥିକ ଚିକିତ୍ସାଳୟ ଉପରେ ୱାର୍ଡ଼ବାସୀ ନିର୍ଭର କରୁଥିବାରୁ ଉକ୍ତ ଚିକିତ୍ସାଳୟରେ ଦୀର୍ଘଦିନ ହେବ ଡ଼ାକ୍ତର ନଥିବାରୁ ୱାର୍ଡ଼ବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି, ଏ ଦିଗରେ ବାରମ୍ବାର ଦାବି ଉପସ୍ଥାପନ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଫଳରେ ଲୋକମାନେ ଆସି ସେଠାରୁ ଫେରି ଯାଉଛନ୍ତି । କେବେ ସୁଦ୍ଧା ସମସ୍ୟାର ସମାଧାନ କରାଯିବ ବୋଲି ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।
- ୱାର୍ଡ଼ରେ ପଙ୍କୋଦ୍ଧାର କାର୍ଯ୍ୟ ଦୁଇ ମାସ ମଧ୍ୟରେ ସମାପ୍ତ ହୋଇପାରିନଥିବାରୁ, ଅତିରିକ୍ତ ଏକ ମାସ ନିମନ୍ତେ ୫ଜଣ କୁଲୀଙ୍କ ଅବଧିକୁ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବୃଦ୍ଧ, ବୃଦ୍ଧା, ଶାରୀରିକ ଅକ୍ଷମ ମାନଙ୍କୁ ଘରେ ଯାଇ ଭତା ପ୍ରଦାନ କରାଯିବାକୁ ସରକାରଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ଭତା ପ୍ରଦାନ କାରୀ ଭତା ପ୍ରଦାନ କରୁନାହାଁନ୍ତି । ୱାର୍ଡ଼ରେ ଭତା ପ୍ରଦାନ କରୁଥିବା କନିଷ୍ଠ ସହାୟକ ବିନୟ କୁମାର ସିହ୍ନାକୁ, ୱାର୍ଡ଼ବାସୀଙ୍କ ଅଭିଯୋଗ କ୍ରମେ ଯଥାଶିଘ୍ର ଅନ୍ୟତ୍ର ବଦଳୀ କରାଯିବା ସହିତ ଅନ୍ୟ କର୍ମଚାରୀଙ୍କୁ ଅବସ୍ଥାପିତ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ରେ ଥିବା ସୁଇପର କଲୋନୀର ଶୌଚାଳୟ ମରାମତି କରାଯିବା ପରେ ଜଳ ସଂଯୋଗ କରାଯାଇନାହିଁ । ନିଗମର ଅଧିକାରୀ କିମ୍ବା ଜନସ୍ୱାସ୍ଥ୍ୟ ବିଭାଗକୁ ଯୋଗାଯୋଗ କଲେ କେହି କର୍ଣ୍ଣପାତ କରୁନାହାଁନ୍ତି । ନିଗମର ଯନ୍ତ୍ରୀ ମଧ୍ୟ ଉକ୍ତ ଶୌଚାଳୟକୁ ପରିଦର୍ଶନରେ ଯାଉନାହାଁନ୍ତି, ଏ ଦିଗରେ ବାରମ୍ବାର ବୈଠକରେ ପ୍ରସ୍ତାବ ଦେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ, କେବେ ସୁଦ୍ଧା ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**ଶ୍ରୀଯୁକ୍ତା ପାରୁଲ ଜୟସ୍ୱାଲ, କର୍ପୋରେଟର, ୱାର୍ଡ଼ ନଂ-୨୫ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ପଙ୍କୋଦ୍ଧାର କାର୍ଯ୍ୟ ପାଇଁ ୨ମାସ ନିମନ୍ତେ ୱାର୍ଡ଼କୁ ୫ଜଣ ଅତିରିକ୍ତ କୁଲି ଯୋଗାଇଦେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲେ ସୁଦ୍ଧା ପ୍ରତ୍ୟେହ ୫ଜଣ ଲେଖାଏଁ କୁଲି କାର୍ଯ୍ୟ କରୁନାହାଁନ୍ତି, ବକେୟା ରହିଥିବା ଡ୍ରେନ ଗୁଡ଼ିକର ପଙ୍କଉଦ୍ଧାର କାର୍ଯ୍ୟ ନିମନ୍ତେ ୫ଜଣ କୁଲିଙ୍କୁ ଅତିରିକ୍ତ ଏକ ମାସ ନିମନ୍ତେ ନିୟୋଜନ କରାଯିବାକୁ ପ୍ରସ୍ତାବ ଦେବା ସହ ପୁର୍ବରୁ ପଙ୍କଉଦ୍ଧାର କାର୍ଯ୍ୟ କରିଥିବା ଠିକାଦାରମାନଙ୍କ ଦେୟ କାହିଁକି ପ୍ରଦାନ କରାଯାଇନାହିଁ । ପଙ୍କଉଦ୍ଧାର କାର୍ଯ୍ୟ ପାଇଁ ବିଲ ବାବଦରେ କେଉଁ କାରଣରୁ ୧୦ ପ୍ରତିଶତ ଅର୍ଥ କାଟ୍ କରାଯାଉଅଛି ସେ ସମ୍ପର୍କରେ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।
- ଜାଇକା କାର୍ଯ୍ୟରେ ୱାର୍ଡ଼ବାସୀ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ୱାର୍ଡ଼ରେ ଜାଇକା କାର୍ଯ୍ୟ ଦ୍ୱାରା କ୍ଷତି ଗ୍ରସ୍ତ ହୋଇଥିବା ଡ୍ରେନ ଗୁଡ଼ିକର ପୁର୍ନରୁଦ୍ଧାର କରାଯାଉନାହିଁ । ଜାଇକା ଦ୍ୱାରା କାର୍ଯ୍ୟ କରାଯିବା ସମୟରେ ବାଲି, ମାଟି ପଡ଼ି ଡ୍ରେନ ପୋତି ହୋଇ ଜଳ ନିଷ୍କାସନ ହୋଇପାରୁନାହିଁ । ଏ ବାବଦରେ ଜାଇକା କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏ ବାବଦରେ ଜାଇକା କର୍ତ୍ତୃପକ୍ଷଙ୍କ ଦ୍ୱାରା ବୈଠକ କରାଯାଇ ଉକ୍ତ ସମସ୍ୟାକୁ ସମାଧନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଭତା ପ୍ରଦାନରେ ଅହେତୁକ ଅବହେଳା ପଦର୍ଶନ କରାଯାଉଅଛି । ଭିନ୍ନକ୍ଷମ ଓ ଶାରୀରିକ ଅକ୍ଷମ ହିତଧିକାରୀମାନଙ୍କ ଘରକୁ ଯାଇ ଭତା ପ୍ରଦାନ କରାଯାଉନାହିଁ । ଏ ବାବଦରେ ବୈଠକରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ୱାର୍ଡ଼ର ପରୀସିମା ବହୁ ବଡ଼ ଥିବାରୁ ଦୁଇଗୋଟି ଭତା କେନ୍ଦ୍ର କରାଯିବା ସହ ୪ଜଣ ଭତା ପ୍ରଦାନକାରୀଙ୍କ ମାଧମରେ ଭତା ପ୍ରଦାନ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନୂତନ ହିତାଧିକାରୀ ଚୟନ କରାଯାଇ ଭତା ପ୍ରଦାନ କରାଯିବା ନିମନ୍ତେ ସରକାରଙ୍କ ପତ୍ର ଆସିଥିଲେ ମଧ୍ୟ ଏ ବାବଦରେ ଅବଗତ କରାଯାଉନାହିଁ । ନୂତନ ଜନହିତକର ଯୋଜନାରେ କମ୍ୟୁନିଟି ଅର୍ଗାନାଇଜର ମାନେ ସହଯୋଗ କରୁନହାଁନ୍ତି । ତେଣୁ ଏଥିପ୍ରତି ଆୟୁକ୍ତ ଧ୍ୟାନ ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ସହରରେ ମଶାର ପ୍ରାର୍ଦୁଭାବ ବଢ଼ିଚାଲିଥିବା ବେଳେ ଏ ବାବଦରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ନିଗମ ମଶା ନିୟନ୍ତ୍ରଣ ସଠିକ ଭାବେ କରୁନଥିବାରୁ ଏ ଦିଗରେ ବୈଷୟିକ ଏକ୍ସପର୍ଟ ମାନଙ୍କୁ ଅଣାଯାଯାଇ ମଶାନିୟନ୍ତ୍ରଣ କରାଯିବା ପାଇଁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଠାରୁ ଉତର ଚାହିଁଥିଲେ ।
- ଏଲ୍ଇଡ଼ି ଯୋଜନାରେ ୪ମାସ ହେବ କାର୍ଯ୍ୟ ହୋଇନଥିବାରୁ, ୱାର୍ଡ଼ରେ ଖରାପ ହୋଇ ରହିଥିବା ଲାଇଟ ଗୁଡ଼ିକ ମରାମତି କରାଯିବା ସହ କେବେ ସୁଦ୍ଧା ଏଲ୍ଇଡ଼ି କାର୍ଯ୍ୟର ସର୍ଭେ କରାଯିବ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

❖ ୱାର୍ଡ଼ ୱାରୀ ଉନ୍ନତି ଯୋଜନାରେ ୫୦ ଲକ୍ଷ ଟଙ୍କା ଅନୁଦାନରେ କରାଯିବାକୁ ଥିବା କାର୍ଯ୍ୟର, କାର୍ଯ୍ୟାଦେଶ କେଉଁ କାରଣରୁ ଦିଆଯାଇନାହିଁ ଏବଂ କେବେ ସୁଦ୍ଧା କାର୍ଯ୍ୟାଦେଶ ପ୍ରଦାନ କରାଯିବ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁବା ସହ ବିଭିନ୍ନ କମିଟି ଓ ପରିଷଦ ବୈଠକରେ ପାରିତ କରାଯାଉଥିବା ପ୍ରସ୍ତାବ ଗୁଡ଼ିକ କାର୍ଯ୍ୟକାରୀ କରାଯାଉନଥିବାରୁ ଏଥିପ୍ରତି ଅଧିକାରୀମାନେ ଦୃଷ୍ଟି ଦେବାକୁ ପ୍ରସ୍ତାବ ଦେଇଥିଲେ ।

<u>**ଶ୍ରୀଯୁକ୍ତ ରଂଜନ କୁମାର ବିଶ୍ୱାଳ, ଅଧକ୍ଷ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :**</u>

❖ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ପରିଷଦ ବୈଠକରେ ସମାନ ପ୍ରସ୍ତାବ ବାରମ୍ବାର ଆଲୋଚନା କରାନଯାଇ, ଅନ୍ୟାନ୍ୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯିବା ସହ ପ୍ରତ୍ୟେକ ସଦସ୍ୟ/ସଦସ୍ୟା ମାନଙ୍କ ପାଇଁ ୩ମିନିଟି ଲେଖାଏଁ ସମୟ ଧାର୍ଯ୍ୟ କରାଯାଉ । ଉକ୍ତ ସମୟ ମଧ୍ୟରେ ନିଜ ନିଜ ସମସ୍ୟା ଉପସ୍ଥାପନ କରିବା ସହ ପ୍ରତ୍ୟେକ ସଦସ୍ୟ/ସଦସ୍ୟା ମାନେ ଆଲୋଚନା କରିବା ପାଇଁ ସୁଯୋଗ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ ।

❖ ନିଗମ ଅଂଚଳରେ କାର୍ଯ୍ୟକରୁଥିବା ୩ଗୋଟି ସଂସ୍ଥା ଯଥା-ଜାଇକା, ଅମୃତ , ଓପିଟିସିଏଲ ସଂସ୍ଥା ସମୟ ଅତିବାହିତ ନକରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ସାରିବା ନିମନ୍ତେ ଆୟୁକ୍ତଙ୍କ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ପ୍ଲାଷ୍ଟିକ ବହୁଳ ପରିମାଣରେ ବ୍ୟବହାର କରାଯାଉଥିବାରୁ ସମ୍ବଲପୁର, ବ୍ରହ୍ମପୁର ମହାନଗର ନିଗମ ଭଳି Plastic Squad ଗଠନ କରାଯାଇ ପଲିଥିନ ବ୍ୟାନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ ୱାରି ୫୦ ଲକ୍ଷ ଟଙ୍କା ଅନୁଦାନ ବିନିମୟରେ ଆସନ୍ତା ଜୁନ/ଜୁଲାଇ ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖାଯାଇ ନିଗମ ଅଂଚଳରେ ଜଳଛତ୍ରକୁ ସିନ୍‌ଟେକ୍ସ ଟ୍ୟାଙ୍କ ମାଧ୍ୟମରେ କରାନଯାଇ ଜନସାଧାରଣଙ୍କ ମତକୁ ସମ୍ମାନ ଦିଆଯାଇ ଜଳଛତ୍ର କେନ୍ଦ୍ର ଗୁଡ଼ିକରେ ୨ଗୋଟି ମାଠିଆ ମାଧ୍ୟମରେ ଜଳ ଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖାଯାଇ ନିଗମ ଅଂଚଳରେ ଥିବା ସମସ୍ତ ନଳକୂପ ଏବ ଚଟାଣ ଗୁଡ଼ିକର ମରାମତି ତୁରନ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ନିର୍ମାଣ କରାଯାଇଥିବା ପାର୍କ ଗୁଡ଼ିକର ସଠିକ ଭାବେ ରକ୍ଷଣାବେକ୍ଷଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ଖାନ୍‌ନଗରସ୍ଥିତ ଶ୍ମଶାନରେ ଉତମ ସେବା ଯୋଗାଇଦେବା ନିମନ୍ତେ ୩ଗୋଟି ସିଫ୍ଟରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ନାମ ସହିତ ମୋବାଇଲ ନମ୍ବର ବୋର୍ଡ଼ରେ ପ୍ରଦର୍ଶିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଭାରତର ମହାମହିମ ରାଷ୍ଟ୍ରପତି ଆସନ୍ତା ମାସରେ ଓଡ଼ିଶା ଗସ୍ତରେ ଆସି ବିଜୁ ପଟ୍ଟନାୟକଙ୍କ ଜନ୍ମସ୍ଥାନ ଆନନ୍ଦଭବନ ସଂଗ୍ରାହଳୟ ଉଦ୍‌ଘାଟନ କରିବା ସହ ନେତାଜୀଙ୍କ ଜନ୍ମସ୍ଥାନ ପରିଭ୍ରମଣରେ ଆସୁଥିବାରୁ କଟକ ସହରର ରାସ୍ତାଘାଟ, ମରାମତି, ଏଲ୍‌ଇଡ଼ି ଲଗାଇବା ସହିତ ପରିମଳ ଦିଗରେ ବିଶେଷ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ ।

- ନିଗମ ଅଂଚଳରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଗୃହ ଗୁଡ଼ିକୁ ଚିହ୍ନଟ କରାଯାଇ ପ୍ରତିକାର କରାଗଲେ ଧନଜୀବନ ରକ୍ଷା କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ ।
- କଟକ, ଭୁବନେଶ୍ୱରକୁ ସଂଯୋଗ କରୁଥିବା ନୂତନ ସେତୁ ମୁଣ୍ଡରେ ଯଥା ଜୁଡ଼ିସିଆଲ ଏକାଡ଼େମୀ ନିକଟରେ ଏକ ହାଇମାଷ୍ଟ ଲାଇଟ ସ୍ଥାପନ କରାଯିବା ସହ ଉକ୍ତ ସେତୁ ନିକଟରେ ଥିବା ଉପଲବ୍ଧ ଜାଗାରେ ଏକ ପାର୍କ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଆଗାମୀ ବର୍ଷାଦିନକୁ ଦୃଷ୍ଟିରେ ରଖାଯାଇ  ନିଗମରେ ଗଛିତଥିବା ପମ୍ପଗୁଡ଼ିକୁ ମରାମତି କରାଯାଇ ପ୍ରସ୍ତୁତ ରଖାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଚିରଂଜୟ ସାହୁ, ଅଧକ୍ଷ, ପବ୍ଲିକ ଓ୍ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି :**

- ଆଲୋଚନାରେ ଅଂଶ ଗ୍ରହଣ କରି ଆସନ୍ତା ହୋଲି ପର୍ବ ନିମନ୍ତେ  ଅଭିନନ୍ଦନ ଜଣାଇବା ସହିତ ଓ୍ୱାର୍ଡ଼ ଓ୍ୱାରୀ ୫୦ ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ ବିଭିନ୍ନ ଓ୍ୱାର୍ଡ଼ର ଉନ୍ନୟନ ମୂଳକ କାର୍ଯ୍ୟ ର କାର୍ଯ୍ୟାଦେଶ ଆସନ୍ତା ୭ ଦିନ ମଧ୍ୟରେ  ପ୍ରଦାନ  କରାଯିବାକୁ ଗତ ବୈଠକରେ ଆୟୁକ୍ତ ପ୍ରତିଶୃତି ଦେଇଥିଲ ମଧ  କାର୍ଯ୍ୟାଦେଶ କାହିଁକି ପ୍ରଦାନ କରାଯାଇନାହିଁ । ବିନା ପ୍ରସ୍ତାବରେ ଅନେକ କାର୍ଯ୍ୟର ନଥି ମେୟରଙ୍କ ନିକଟକୁ ଯାଇପାରୁଛି, ତେବେ କାହିଁକି ଉକ୍ତ ଅନୁଦାନରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ ।
- ବର୍ଯ୍ୟବସ୍ତୁ ପରିଚାଳନାର ଟେଣ୍ଡର ଗୃହିତ ହୋଇ ସାରିବା ପରେ କିଭଳି ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା  କରାଯାଇ କାର୍ଯ୍ୟାଦେଶକୁ ସ୍ଥଗିତ ରଖାଗଲା ବୋଲି ବୈଧାନିକ ପ୍ରଶ୍ନ ଉତ୍‌ଥାପନ କରିଥିଲେ । ଏଭଳି କାର୍ଯ୍ୟର ସମିକ୍ଷା କରାଯିବାକୁ ମତବ୍ୟକ୍ତ କରିଥିଲେ ।
- ପରିଷଦ ବୈଠକରେ ଆଲୋଚନା ହେଉଥିବା ପ୍ରସ୍ତାବ ଗୁଡ଼ିକର ତଥ୍ୟ  ଉପସ୍ଥାପନ କରାଯିବା ସମୟରେ ବୈଠକରେ ଉପସ୍ଥିତ ରହୁଥିବା ଯନ୍ତ୍ରୀମାନେ କାହିଁକି ସଦସ୍ୟ/ସଦସ୍ୟାମାନଙ୍କର ପ୍ରସ୍ତାବକୁ ନୋଟ କରୁନାହାଁନ୍ତି । ଯନ୍ତ୍ରୀମାନେ ଏ ଦିଗରେ ଗୁରୁତ୍ୱ ଦେଲେ  ସମସ୍ୟା ଗୁଡ଼ିକ ସମାଧାନ ହୋଇପାରିବ ବୋଲି ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତ ରମଜାନ ଖାନ, କର୍ପୋରେଟର, ଓ୍ୱାର୍ଡ଼ ନଂ-୧୬ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଓ୍ୱାର୍ଡ଼ ଓ୍ୱାରୀ ୫୦ ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ ହେବାକୁ ଥିବା ବିଭିନ୍ନ ଓ୍ୱାର୍ଡ଼ର ଉନ୍ନୟନ ମୂଳକ କାର୍ଯ୍ୟର କାର୍ଯ୍ୟାଦେଶ କାହିଁକି ପ୍ରଦାନ କରାଯାଇନାହିଁ । ବର୍ଷାଦିନ ଆସିଗଲେ କାର୍ଯ୍ୟ କରିବା ସମ୍ଭବପର ହେବନାହିଁ । କେବେ ସୁଦ୍ଧା କାର୍ଯ୍ୟାଦେଶ ପ୍ରଦାନ କରାଯିବ ଏ ବିଷୟରେ କମିଶନରଙ୍କ ଠାରୁ ଉତର ଚାହିଁଥିଲେ ।
- ମହାମହିମ ରାଷ୍ଟ୍ରପତି ଆସନ୍ତା ମାସରେ ବିଜୁ ପଟ୍ଟନାୟକଙ୍କ ଜନ୍ମସ୍ଥାନ ଆନନ୍ଦଭବନ ସଂଗ୍ରାହଳୟ ଉଦ୍‌ଘାଟନ କରିବା ସହ ନେତାଜୀଙ୍କ ଜନ୍ମସ୍ଥାନ ପରିଭ୍ରମଣରେ ଆସୁଥିବାରୁ ସହରର ରାସ୍ତାଘାଟ ମରାମତି କରାଯିବା ସହିତ ପରିମଳ ଦିଗରେ ବିଶେଷ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ ।
- ଆନନ୍ଦ ଭବନ ନିକଟରେ ଏକ ହାଇମାଷ୍ଟ ଲାଇଟ ଲଗାଯିବାକୁ ପ୍ରସ୍ତାବ ଦେବା ସହ ଏଲ୍‌ଇଡ଼ି ଯାହା ଲାଗୁଛି ୨୦ ଗୋଟି ମଧ୍ୟରୁ ୭ ଗୋଟି ଜଳୁନଥିବା ବେଳେ ୩ଗୋଟି ଧପ୍ ଧପ୍ ହେଉଥିବାର ଦୃଷ୍ଟି ଗୋଚର ହୋଉଅଛି  । ତେଣୁ  ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଅଜୟ ସାହୁ, କର୍ପୋରେଟର, ୱାର୍ଡ଼ ନଂ-୨୦ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଏଲ୍ଇଡ଼ି କାର୍ଯ୍ୟକ୍ରମ ସିଡ଼ିଏରେ ଆରମ୍ଭ କରାଯାଇଥିବା ବେଳେ ୱାର୍ଡ଼ରେ କେବେ ସୁଦ୍ଧା କାର୍ଯ୍ୟାରମ୍ଭ କରାଯିବ । ୱାର୍ଡ଼ରେ ଏଲ୍ଇଡ଼ି ନିମନ୍ତେ ସର୍ଭେ କାର୍ଯ୍ୟ ସମାପ୍ତ ହୋଇନାହିଁ । ୱାର୍ଡ଼ରେ ଖରାପ ଅବସ୍ଥାରେ ଥିବା ଲାଇଟଗୁଡ଼ିକ ଯଥାଶିଘ୍ର ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ପଙ୍କଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ଅସ୍ଥାୟୀ କୁଲିମାନଙ୍କର କ୍ଷୟକ୍ଷତି ହେଲେ କିଏ ସେମାନଙ୍କୁ ସାହାର୍ଯ୍ୟ କରିବ ତାହା ଗୃହରେ ଜଣାନ୍ତୁ । ୱାର୍ଡ଼ରେ କାର୍ଯ୍ୟରତ ଥିବା ବେଳେ ଜଣେ କୁଲିର ଗୋଡ଼ ଭାଙ୍ଗିଗଲା, ତାହାର ଚିକିତ୍ସା କିଏ କରାଇବ ସେ ବିଷୟରେ କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ-୧୮ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଦୈନିକ ଖବର କାଗଜ ମାଧ୍ୟମରେ ୱାର୍ଡ଼ ସଂରକ୍ଷଣ ସମ୍ବନ୍ଧରେ ଯାହା ପ୍ରକାଶ ପାଇଛି ତାହାର କେତେ ସତ୍ୟତା ଅଛି ତାହାକୁ ଗୃହରେ ସ୍ପଷ୍ଟ କରାଯାଉ । ଯଦି ଖବର କାଗଜରେ ବାହାରିଥିବା କଥା ସତ୍ୟ ଉପରେ ଆଧାରିତ ନୁହେଁ ତେବେ ଖବର କାଗଜକୁ ସ୍ପଷ୍ଟିକରଣ ଦେବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ନମିତା ବାରିକ, କର୍ପୋରେଟର, ୱାର୍ଡ଼ ନଂ-୦୮ :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଆସନ୍ତା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖାଯାଇ ୱାର୍ଡ଼ରେ ଜଳଛତ୍ର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ରେ ନିର୍ମାଣ କରାଯାଇଥିବା ଟଏଲେଟର କବାଟ ଭାଙ୍ଗିଯାଇଥିବାରୁ, ତାହାକୁ ମରାମତି କରାଯିବା ସହ ପ୍ରୋଜେକ୍ଟ ସମ୍ମାନ କାର୍ଯ୍ୟ କେବେ ସୁଦ୍ଧା ସମାପ୍ତ ହେବ ଜାଣିବାକୁ ଚାହିଁଥିଲେ ।
- ଶୁଦ୍ଧିକ୍ରିୟା ନିମନ୍ତେ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି, ଉକ୍ତ ସ୍ଥାନକୁ ସଫେଇ କରାଯିବା ନିମନ୍ତେ ବାରମ୍ବାର ପ୍ରସ୍ତାବ ଦେଲେ ମଧ୍ୟ କୌଣସି କାର୍ଯ୍ୟକାରୀ କରାଯାଉନାହିଁ । ଉକ୍ତ ଶୁଦ୍ଧିକ୍ରିୟା ସ୍ତୁଠରେ ରକ୍ଷଣାବେକ୍ଷଣ ନିମନ୍ତେ କର୍ମଚାରୀ ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ ।
- ଚହଟା ପାର୍କ କାର୍ଯ୍ୟ କେଉଁ କାରଣରୁ ବନ୍ଦ କରାଯାଇଛି ଏବଂ କେବେ ସୁଦ୍ଧା ଶେଷ କରାଯିବ ଜାଣିବାକୁ ଚାହିଁବା ସହିତ ଶିଶୁ ଉଦ୍ୟାନର ସ୍ଥିତାବସ୍ଥା ପ୍ରତି ଧ୍ୟାନ ଦେବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଚୌଧୁରି ସୁବ୍ରତ ଘଡ଼େଇ, ମାନ୍ୟବର ଚୌଦ୍ୱାର କଟକ ବିଧାୟକଙ୍କ ପ୍ରତିନିଧି :**

- ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଜଗତପୁରସ୍ଥିତ ୨ଗୋଟି ୱାର୍ଡ଼ରେ ଏଲ୍ଇଡ଼ି ଲାଇଟ ଲଗାଯିବା ନିମନ୍ତେ ସର୍ଭେ କରାଯାଇନଥିବାରୁ, ଯଥାଶିଘ୍ର ସର୍ଭେ କରାଯାଇ ଲାଇଟ ଲଗାଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମର ପ୍ରତ୍ୟେକ ଗୃହକୁ ହୋଲଡ଼ିଂ ପରିସର ଭୁକ୍ତ କରାଯିବା ସହିତ ଡ଼ାଟା ବେସ ପ୍ରସ୍ତୁତ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର, ଆୟୁକ୍ତ ସମସ୍ତ ସଦସ୍ୟ/ସଦସ୍ୟାଙ୍କ ପ୍ରଶ୍ନର ଉତର ଦେଇ କହିଥିଲେ, ଦୈନିକ ଖବର କାଗଜ ମାଧ୍ୟମରେ ୱାର୍ଡ଼ ସଂରକ୍ଷଣ ସମ୍ବନ୍ଧରେ ଯାହା ପ୍ରକାଶ ପାଇଛି ତାହାର କୌଣସି ସତ୍ୟାସତ୍ୟ ନାହିଁ । ନିଗମ ପକ୍ଷରୁ କୌଣସି ଗଣମାଧ୍ୟମକୁ ଏ ବାବଦରେ ସୂଚନା

ପ୍ରଦାନ କରାଯାଇନାହିଁ ଏବଂ ପ୍ରକାଶ ପାଇଥିବା ସଂରକ୍ଷଣ ବ୍ୟବସ୍ଥାରେ କଟକ ମ୍ୟୁନିସିପାଲିଟି ନିଗମ ଲେଖାଯାଇଥିବା ଭୁଲ ତଥ୍ୟ ପ୍ରକାଶ ପାଇଛି । ନିଗମରେ କୌଣସି ନିର୍ବାଚନ ଅଧିକାରୀ ନାହାଁନ୍ତି ବୋଲି କହିବା ସହ ସଂରକ୍ଷଣ ବ୍ୟବସ୍ଥା ସମ୍ବନ୍ଧରେ କିଛିଦିନ ତଳେ ରାଜ୍ୟ ସରକାରଙ୍କ କ୍ୟାବିନେଟ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିବା ବେଳେ ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା କରାଯିବ । ନିଗମ ପକ୍ଷରୁ କୌଣସି ସଂରକ୍ଷଣ ବ୍ୟବସ୍ଥା କରାଯିବାର ନୀୟମ ନାହିଁ । ତେଣୁ ଗଣମାଧମରେ ପ୍ରକାଶ ପାଇଥିବା ତଥ୍ୟର କୌଣସି ସତ୍ୟା ସତ୍ୟ ନାହିଁ ଏବଂ ଏ ବାବଦରେ ନିଗମ ପକ୍ଷରୁ ଗଣମାଧମକୁ ସ୍ପଷ୍ଟିକରଣ ପ୍ରଦାନ କରାଯିବ ବୋଲି ଗୃହରେ ସୂଚନା ଦେଇଥିଲେ । ନିଗମର ୨୦୧୮-୧୯ ଆର୍ଥିକ ବର୍ଷର ବଜେଟ ପ୍ରସ୍ତୁତି ନିମନ୍ତେ ଆସନ୍ତା ୧୦ ତାରିଖ ମଧ୍ୟରେ ବୈଠକ କରାଯାଇ ନିଷ୍ପତି ଗ୍ରହଣ କରାଯିବାକୁ ମତବ୍ୟକ୍ତ ଦେଇଥିଲେ । ନିଗମ ଅଂଚଳରେ ପଙ୍କୋଉଦ୍ଧାର ପାଇଁ କୁଲିର ଅଭାବ ପରିଲକ୍ଷିତ ହେଉଅଛି । ଜାଇକା, ଅମୃତ ଏବଂ ଓପିଟିସିଏଲ୍ ଦ୍ୱାରା କାର୍ଯ୍ୟ କରାଯାଉଥିବାରୁ କୁଲିର ଅଭାବ ରହିଥିବା ଦୃଷ୍ଟିରୁ ସର୍ଭିସ ପ୍ରୋଭାଇଡ଼ର ମାଧମରେ ବାହାରୁ କୁଲି ଅଣାଯାଇ କାର୍ଯ୍ୟ କରାଯିବ । ନିଗମରେ ମେସିନ ମାଧମରେ ପଙ୍କଉଦ୍ଧାର କାର୍ଯ୍ୟ କରାଯିବା ନିମନ୍ତେ ଟେଣ୍ଡର କରାଯାଇଥିଲା । ଏଥିପାଇଁ ୨ଗୋଟି ଜେସିବି ସଂଗ୍ରହଣ କରାଯାଇ ୩ଦିନ ମଧ୍ୟରେ ପଙ୍କୋଉଦ୍ଧାର କାର୍ଯ୍ୟ କରାଯିବାକୁ ଅବଗତ କରିବା ସହ ପଙ୍କୋଉଦ୍ଧାର କାର୍ଯ୍ୟ ନିମନ୍ତେ ଯେଉଁ ୱାର୍ଡ଼ ଗୁଡ଼ିକୁ ଆଦୌ କୁଲି ଯାଇନାହାଁନ୍ତି ଆସନ୍ତା ୨ଦିନ ମଧ୍ୟରେ କୁଲି ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କଟକ ସହରକୁ ଜଳ ଯୋଗାଣର ଯେଉଁ ଅସୁବିଧା ପରିଲକ୍ଷିତ ହେଉଅଛି ସେଥିପାଇଁ ୨ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ୩୦ ଗୋଟି ଲେଖାଏଁ ୱାର୍ଡ଼ର ଦାୟୀତ୍ୱ ନ୍ୟସ୍ତ କରାଯିବ ବୋଲି ଗୃହରେ ଅବଗତ କରିବା ସହ ଗ୍ରୀଷ୍ମଋତୁ ଆସିଯାଇଥିବାରୁ ନିଗମର କନିଷ୍ଠ ଯନ୍ତ୍ରୀମାନେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ ଏବଂ ଏ ସମ୍ବନ୍ଧରେ ଆସନ୍ତା ସପ୍ତାହରେ ହେବାକୁ ଥିବା ବୈଠକରେ ନିଷ୍ପତି ଗ୍ରହଣ କରାଯିବ । ନିଗମ ଅଂଚଳରୁ ପ୍ଲାଷ୍ଟିକ ବର୍ଜନ କରିବା ନିମନ୍ତେ ଏକ ସ୍କ୍ୱାର୍ଡ଼ ଗଠନ କରାଯାଇ ଉପ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାର ଉକ୍ତ କାର୍ଯ୍ୟକୁ ତଦାରଖ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନ ଓ ଉନ୍ନତି ଯୋଜନା ମଧ୍ୟରେ ବିଭିନ୍ନ ୱାର୍ଡ଼ରେ କରାଯିବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ଆସନ୍ତା ୧୫ ଦିନ ମଧ୍ୟରେ ପ୍ରଦାନ କରାଯିବାକୁ ମତବ୍ୟକ୍ତ କରିଥିଲେ । ଯନ୍ତ୍ରୀବିଭାଗରେ ଦୁଇ ଜଣ କିରାଣି ଓ କମ୍ପ୍ୟୁଟର କାର୍ଯ୍ୟ କରିବା ନିମନ୍ତେ କର୍ମଚାରୀ ଅଭାବ ଥିବାରୁ ୨ଗଣ କର୍ମଚାରୀ ଯୋଗାଇଦିଆଯିବ । ବିଭିନ୍ନ କାର୍ଯ୍ୟକୁ ନେଇ ଠିକାଦାରମାନଙ୍କୁ ପତ୍ରାଳାପ କରାଯିବା ସହ ହ୍ୱାଟ୍‌ସଆପରେ ଯୋଗାଯୋଗ କରାଯିବା ନିମନ୍ତେ ନିର୍ଦ୍ଦେଶ ଦେବା ସହ ପ୍ରଧାନମନ୍ତ୍ରୀ ଆୱାସ ଯୋଜନାରେ କାର୍ଯ୍ୟ ସ୍ଥଳୀର ଫଟୋ ପ୍ରଦାନ କରିବା ପରେ ନିଗମ ମଧ୍ୟ ଦେୟ ପ୍ରଦାନ କରିପାରିବ ବୋଲି ସ୍ପଷ୍ଟ କରିଥିଲେ ।

**ପ୍ରସ୍ତାବ ନଂ-୧.** ଗତ ତା. ୩୧-୦୧-୨୦୧୮ରିଖ ୩୨ତମ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା. ୩୧-୦୧-୨୦୧୮ରିଖ ୩୨ତମ ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୨. :** ଗତ ତା. ୨୦-୦୨-୨୦୧୮ରିଖ ନିଗମର ସ୍ୱତନ୍ତ୍ର ଅଧିବେଶନର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୨ :** ଗତ ତା. ୨୦-୦୨-୨୦୧୮ରିଖ ନିଗମର ସ୍ୱତନ୍ତ୍ର ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ ନଂ-୩.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୩.୧** ଗତ ୦୯.୦୨.୨୦୧୮ରିଖ ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୨** ଗତ ୧୨. ୦୨.୨୦୧୮ରିଖ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୩** ଗତ ୧୩. ୦୨.୨୦୧୮ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୪** ଗତ ୧୩.୦୨.୨୦୧୮ରିଖ ଏଜୁକେଶନ,ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୫** ଗତ ୧୫. ୦୨.୨୦୧୮ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୬** ଗତ ୧୬. ୦୨.୨୦୧୮ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୭** ଗତ ୧୭.୦୨.୨୦୧୮ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ଏବଂ ପ୍ରସ୍ତାବ ନଂ ୧୯ର କ୍ରମିକ ନଂ(୧୧)କୁ ନିମ୍ନମତେ ସଂଶୋଧନ କରାଗଲା ।

11. S/R to road from Rabi Sahoo res to Mopanna Appa Rao res in Ward No-18 (Utilization of Balance fund of an amount of Rs. 5.37 Lakhs out of 15lakhs package (1st phase allotment) (File No-651/2014)

**ନିର୍ଦ୍ଧାରଣ ନଂ-୩.୮** ଗତ ୨୧.୦୨.୨୦୧୮ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୯** ଗତ ୨୪.୦୨.୨୦୧୮ ରିଖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୦** ଗତ ୨୬.୦୨.୨୦୧୮ ରିଖ ଟ୍ୟାକ୍ସେସନ ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪.** ନିଗମର ବିଭିନ୍ନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ, ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ କରାଯାଇଥିବା ସୁପାରିଶ, କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଏବଂ ନିର୍ଦ୍ଦିଷ୍ଟ ଭାବେ ଆଗତ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ଅନୁମୋଦନ ସହିତ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ କରାଗଲା ।

୧. ନିଗମ ଅଂଚଳରେ ପଙ୍କୋଉଦ୍ଧାର କାର୍ଯ୍ୟ ନିମନ୍ତେ ଆବଶ୍ୟକତା ଅନୁଯାୟୀ କୁଲିମାନଙ୍କୁ ସର୍ଭିସ ପ୍ରୋଭାଇଡ଼ର ମାଧ୍ୟମରେ ନିୟୋଜନ କରାଯିବାକୁ ସ୍ଥିର କରାଗଲା ।

୨. କଟକ ମହାନଗର ନିଗମ କାଉନସିଲ ବିଭାଗର ଆବଶ୍ୟକତାକୁ ଦୃଷ୍ଟିରେ ରଖାଯାଇ ଏକ ଉନ୍ନତମାନର ଜେରକ୍ସ ମେସିନ ସଂଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୩. ନିଗମ ଅଂଚଳରେ ପଙ୍କୋଉଦ୍ଧାର କାର୍ଯ୍ୟ ନିମନ୍ତେ ୨ ଗୋଟି ଜେସିବି ସଂଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୪. ପଙ୍କଉଦ୍ଧାର କାର୍ଯ୍ୟ ନିମନ୍ତେ ଯେଉଁ ୱାର୍ଡ଼ ଗୁଡ଼ିକରେ ୨ ମାସ ନିମନ୍ତେ ୫ଜଣ ଲେଖାଏଁ କୁଲି ଯୋଗାଇଦିଆଯାଇଥିଲା ଉକ୍ତ କାର୍ଯ୍ୟ ସମାପ୍ତ ହୋଇପାରିନଥିବାରୁ ଅତିରିକ୍ତ ଏକ ମାସ ନିମନ୍ତେ ୫ଜଣ ଲେଖାଏଁ କୁଲି ଯୋଗାଇଦେବାକୁ ସ୍ଥିର କରାଯିବା ସହ ଯେଉଁ ୱାର୍ଡ଼ ଗୁଡ଼ିକରେ ପଙ୍କୋଉଦ୍ଧାର କାର୍ଯ୍ୟ ନିମନ୍ତେ କୁଲି ଯୋଗାଇ ଦିଆଯାଇନାହିଁ, ସେହି ୱାର୍ଡ଼ ଗୁଡ଼ିକରେ ୨ ମାସ ନିମନ୍ତେ ୫ଜଣ ଲେଖାଏଁ କୁଲି ଯୋଗାଇଦେବାକୁ ନିଷ୍ପତି ଗ୍ରହଣ କରାଗଲା ।

୫. ଯନ୍ତ୍ରୀ ବିଭାଗରେ ସର୍ଭିସ ପ୍ରୋଭାଇଡ଼ର ମାଧମରେ ୨ଜଣ ଡ଼ାଟା ଏଣ୍ଟ୍ରି ଅପରେଟରଙ୍କୁ ନିୟୋଜନ କରାଯିବାକୁ ସ୍ଥିର କରାଗଲା ।

୬. ପଲିଥିନ ବ୍ୟାନ ନିମନ୍ତେ ଏକ ପ୍ଲାଷ୍ଟିକ ସ୍କ୍ୱାର୍ଡ଼ ଗଠନ କରାଯାଇ ନିଗମର ଉପ ନିର୍ବାହୀ ଯନ୍ତ୍ରୀଙ୍କ ତତ୍ୱାବଧାରେ ଉକ୍ତ କାର୍ଯ୍ୟ କରାଯିବାକୁ ସ୍ଥିର କରାଗଲା ।

୭. ସଦସ୍ୟ ଶ୍ରୀଯୁକ୍ତ ନିରୋଧ ପଣ୍ଡା, ପ୍ରଦାନ କରିଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ, Construction of Compound Wall around Nimpur Smasan at Jagatpur (File No-III-Eng-342/2016) and Construction of Eastern side of Compound wall at Nimpur Smasan at Jagatpur in Ward No-48 (File No-III-Eng-841/2015) ର Land Demarcation ଥିବାରୁ, ଏହାର ଟେଣ୍ଡର କାର୍ଯ୍ୟ ସମ୍ପୂର୍ଣ୍ଣ ହେଉଥିବାରୁ, ନିୟମ ଅନୁଯାୟୀ ସମ୍ପୃକ୍ତ କାର୍ଯ୍ୟ ନିମନ୍ତେ ଯନ୍ତ୍ରୀ ବିଭାଗ ଦ୍ୱାରା ୩ ମାସ ନିମନ୍ତେ Extension of Time ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୮. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଅନୁଧ୍ୟାନ କରାଯାଇ କାର୍ଯ୍ୟକାରୀ କରାଯିବାକୁ ସ୍ଥିର କରାଗଲା ।

1. Sitting arrangement of Addl. Commissioner-I at Biju Bhawan, E-E-II and site office of MC at Bikash Bhawan
2. Repair of broken Boundary wall at entreance Point of Central Nursery, Bikash Bhawan in Ward No-44
3. Repair and painting work of Entrance Gate to Biswanath Pandit Park near Sai Mandir, Khannagar in Ward No-44
4. Special repair of Biswanath Pandit Park at Khannagar in Ward No-44
5. Repair of watchmen shed at Bikash Bhawan in Ward No-44
6. Minor repair of Emgineering Section at Bikash BHawan in Ward No-44
7 Casting of precast slab over existing drain at REO Colony in Ward No-43
8 Renovation of infront o CMC Control room at Bikash Bhawan in Ward No-44
9 Repair of watchmen shed and repair centrsal store of entrance gate at Bikash Bhawan in Ward No-44
10 Covering Existing open drain with RCC slab near Sun Hospital Lane infront of Hon'be Chief Justie of Supreme Court residence in Ward No-09
11 Construction of RCC retaining wall with CC road in front of Manjulata Dispensary in Ward No-45
12 Carving of water channel by bamboo mate fencing with desiliting from Pyaromohan Sahoo res to Bali Sahoo res at Khannagar in Ward No-45

୯. ସଦସ୍ୟା ଶ୍ରୀମତୀ ରାଜ କୁମାରୀ ସ୍ୱାଇଁ, ପ୍ରଦାନ କରିଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ, ୱାର୍ଡ଼ ନଂ-୫୮ର ପ୍ରତାପନଗରୀ ଅଂଚଳରେ ଆସନ୍ତା ତା. ୩୦.୦୩.୨୦୧୮ରିଖରେ ଧାକୁଲେଇ ମହୋତ୍ସବ ଆରମ୍ଭ

ହେଉଥିବା ଦୃଷ୍ଟିରୁ, Repairing of road near Dhakulei Temple at Pratapnagari in Ward No-58 କାର୍ଯ୍ୟକୁ ଯନ୍ତ୍ରୀ ବିଭାଗ ଦ୍ୱାରା ଜରୁରରୀକାଳୀନ ଭିତିରେ କରାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

**(ମୀନାକ୍ଷୀ ବେହେରା)**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଡ଼େପୁଟି କମିଶନର-୧,୨ / ଡ଼େପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ. ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ